# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**29 June– 2026**

---

## ପୁରୀ - ସ୍ନାନଯାତ୍ରା

ଦେବସ୍ନାନ ପୂର୍ଣ୍ଣିମା ଅବସରରେ ଆଜି ଶ୍ରୀମନ୍ଦିର ସ୍ନାନ ମଣ୍ଡପକୁ ଚତୁର୍ଦ୍ଧାମୂର୍ତ୍ତି ବିଜେ କରୁଛନ୍ତି । ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଠାକୁରଙ୍କର ପହଣ୍ଡି ବିଜେ ଆରମ୍ଭ ହୋଇଥିଲା । ଆଜି ସକାଳେ ମହାପ୍ରଭୁଙ୍କ ମଙ୍ଗଳାର୍ପଣ, ପୁଷ୍ପାଞ୍ଜଳି, ଡୋରଲାଗି ନୀତି ଶେଷ ହେବା ପରେ ପହଣ୍ଡି ଆରମ୍ଭ ହୋଇଥିଲା । ପ୍ରଥମେ ଚକ୍ରରାଜ ସୁଦର୍ଶନ ଏବଂ ପରେ ପରେ ପ୍ରଭୁ ବଳଭଦ୍ର, ଦେବୀ ସୁଦଭ୍ରା ସ୍ନାନ ବେଦୀକୁ ବିଜେ କରିଥିଲେ । ଶେଷରେ ମହାପ୍ରଭୁ ଜଗନ୍ନାଥ ରତ୍ନବେଦୀ ଛାଡି ସ୍ନାନବେଦୀରେ । ମହାପ୍ରଭୁଙ୍କ ଆଜି ଦୁର୍ଲଭ ଗଜ ବେଶ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କର ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ପୁରୀ ଗସ୍ତରେ ଆସି ସ୍ନାନ ମଣ୍ଡପରେ ଠାକୁରଙ୍କର ଦର୍ଶନ କରିବାର କାର୍ଯ୍ୟସୂଚୀ ରହିଛି ।

## ଶିଶୁ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ

ଦେଶବ୍ୟାପୀ ସମଗ୍ର ଶିଶୁ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଆଜିଠାରୁ କାର୍ଯ୍ୟକାରୀ ହେବ । ନୂଆଦିଲ୍ଲୀଠାରେ ଆୟୋଜିତ ଷୋଡଶ ସ୍ୱାସ୍ଥ୍ୟ ଓ ପରିବାର

କଲ୍ୟାଣ କେନ୍ଦ୍ରୀୟ ପରିଷଦର ସମ୍ମିଳନୀ ଅବସରରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜଗତ୍ ପ୍ରକାଶ ନଡ୍ଡା ଏହାର ଶୁଭାରମ୍ଭ କରିବେ । ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ ପ୍ରଥମ ୩ ବର୍ଷ ସମ୍ପୂର୍ଣ୍ଣ ଯତ୍ନ ଦୃଷ୍ଟିକୋଣ ଆଧାରରେ ନବଜାତକଙ୍କ ସ୍ୱାସ୍ଥ୍ୟର ଉନ୍ନତି ଉପରେ ଏଥିରେ ଧ୍ୟାନ କେନ୍ଦ୍ରୀଭୂତ କରାଯିବ । ଜନ୍ମରୁ ୩ ବର୍ଷ ପର୍ଯ୍ୟନ୍ତ ଘରେ ପିଲାମାନଙ୍କର ଯତ୍ନ ନେବା ନେଇ ଏହି କାର୍ଯ୍ୟକ୍ରମ ଅଧୀନରେ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯିବ ବୋଲି ମନ୍ତ୍ରଣାଳୟ କହିଛି ।

## ଜନଶୁଣାଣି ବନ୍ଦ

ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ଆଜି ବନ୍ଦ ରହିବ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କେତେକ ଗୁରତ୍ୱପୂର୍ଣ୍ଣ କାର୍ଯ୍ୟ ହେତୁ ଜନଶୁଣାଣି ବନ୍ଦ ରହିବା ନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି । ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଗଣମାଧ୍ୟମ ଦ୍ୱାରା ସୂଚାଇ ଦିଆଯିବ ବୋଲି ବିଭାଗ କହିଛି ।

## ଏସ୍ଆଇଆର

ରାଜ୍ୟରେ ଚାଲିଥିବା ଭୋଟର ତାଲିକାରେ ସ୍ୱତନ୍ତ୍ର ସଘନ ସଂଶୋଧନ-ଏସ୍ଆଇଆର ପ୍ରକ୍ରିୟାର ପରିଗଣନା ଫର୍ମ ବର୍ଣ୍ଟନ କାର୍ଯ୍ୟ ଗତକାଲି ଶେଷ ହୋଇଛି । ରାଜ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ ପାଖାପାଖି ୯୯ ଦଶମିକ ୯/୪ ପ୍ରତିଶତ ଭୋଟରଙ୍କ ପାଖରେ

ପରିଗଣନା ଫର୍ମ ପହଞ୍ଚି ସାରିଛି । ଇତିମଧ୍ୟରେ ୩ କୋଟି ୧୩ ଲକ୍ଷ ୭୯ ହଜାର ୪୨୭ଟି ଫର୍ମର ଡିଜିଟାଇଜେସନ୍ ପ୍ରକ୍ରିୟା ଶେଷ ହୋଇଛି। ଚିଠା ଭୋଟର ତାଲିକା ଆସନ୍ତା ମାସ ୫ ତାରିଖରେ ପ୍ରକାଶ ପାଇବ । ତାଲିକା ସମ୍ପର୍କିତ ଆପତ୍ତି-ଅଭିଯୋଗ ଦାଖଲ ପାଇଁ ଅଗଷ୍ଟ ୪ ତାରିଖକୁ ଶେଷ ଦିବସ ଭାବେ ଧାର୍ଯ୍ୟ କରାଯାଇଛି ।

## ପରିଚାଳନା କମିଟି ଗଠନ ପ୍ରକ୍ରିୟା

ରାଜ୍ୟର ସମସ୍ତ ସରକାରୀ ବିଦ୍ୟାଳୟରେ ଆସନ୍ତା ମାସ ପହିଲାରୁ ନୂତନ ବିଦ୍ୟାଳୟ ପରିଚାଳନା କମିଟି ଗଠନ ପ୍ରକ୍ରିୟା ଆରମ୍ଭ ହେବ । ୧୭ ତାରିଖ ସୁଦ୍ଧା ଏହାକୁ ଶେଷ କରିବା ନେଇ ଓସେପା ପକ୍ଷରୁ ସବୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ନୂତନ ମାର୍ଗଦର୍ଶିକା ଅନୁଯାୟୀ ପରିଚାଳନା କମିଟି ସହ ବିଭିନ୍ନ କ୍ଷେତ୍ର ଆଧାରିତ ୫ଟି କମିଟି ଗଠନ କରାଯିବାକୁ ନିଷ୍ପତ୍ତି ହୋଇଛି । ଚଳିତ ବିଦ୍ୟାଳୟ ପରିଚାଳନା କମିଟିର ଅବଧି ଆସନ୍ତା ୩୦ ତାରିଖରେ ଶେଷ ହେଉଛି ।

## କୋର୍ଟ ପରିଦର୍ଶନ

ଓଡ଼ିଶା ହାଇକୋର୍ଟର ଅନ୍ୟତମ ବିଚାରପତି ତଥା ବିଚାର ବିଭାଗୀୟ ଅଦାଲତ ନିର୍ମାଣ କମିଟିର ଅଧ୍ୟକ୍ଷ ଜଷ୍ଟିସ ମାନସ ରଞ୍ଜନ ପାଠକ ଗତକାଲି ବ୍ରହ୍ମପୁର ଜିଲ୍ଲା ଓ ଦୌରା ଜଜ୍ କୋର୍ଟ ପରିଦର୍ଶନ କରିଛନ୍ତି । ନିର୍ମାଣ ହେବାକୁ ଥିବା ଜୁଡିସିଆଲ ପରିସରର ଡିପିଆର୍ ଜଷ୍ଟିସ ପାଠକ ସମୀକ୍ଷା

କରିଛନ୍ତି । ଜିଲ୍ଲାପାଳ ଭି. କୀର୍ତ୍ତିଭାସନ ଏବଂ ବିଭାଗୀୟ ଅଧିକାରୀଙ୍କ ସହ ପ୍ରକଳ୍ପ ନିର୍ମାଣ ନେଇ ଆଲୋଚନା କରିଛନ୍ତି ।

## ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଭଦ୍ରକ ଜିଲ୍ଲାର ଅଣ କ୍ୟାଡରଭୁକ୍ତ ସରକାରୀ ଆଇନ୍‌ଜୀବୀଙ୍କ ଦୁଇଦିନିଆ ପ୍ରଶିକ୍ଷଣ ଶିବିର ଗତ ସଂଧ୍ୟାରେ ଉଦ୍‌ଯାପିତ ହୋଇଛି । ରାଜ୍ୟ ଆଇନ୍ ବିଭାଗ ଓ ଓଡ଼ିଶା ସାଧାରଣ ପ୍ରସିକ୍ୟୁସନ ନିର୍ଦ୍ଦେଶାଳୟ ପକ୍ଷରୁ ଆୟୋଜିତ ଏହି ଶିବିରରେ ବିଭିନ୍ନ ଆଇନ୍‌ର ଧାରା ଏବଂ କାର୍ଯ୍ୟାନ୍ୱୟନ ନେଇ ଆଲୋଚନା ହୋଇଛି ।

## ଆଇନ୍ ସଚେତନତା କାର୍ଯ୍ୟକ୍ରମ

ଗଞ୍ଜାମ ଜିଲ୍ଲା ଭଞ୍ଜନଗର ତାଲୁକ୍ ଆଇନ୍‌ସେବା କମିଟି ଆନୁକୂଲ୍ୟରେ ଗତକାଲି ଏକ ଆଇନ୍ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପୋକ୍ସୋ ଆଇନ୍, କିଶୋର ନ୍ୟାୟ ଆଇନ୍ ସମେତ ବିଭିନ୍ନ ଆଇନ୍ ସମ୍ପର୍କରେ ଆଲୋଚନା ହୋଇଛି ।

## ବୈଠକ

ଭଦ୍ରକ ସହିଦ ସ୍ମୃତି ଭବନ ଟାଉନ୍‌ହଲଠାରେ ଗତକାଲି ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସଂସ୍କୃତି ଓ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ ଗ୍ରାମାଞ୍ଚଳ

ନାଗରିକଙ୍କ ମୌଳିକ ସମସ୍ୟାକୁ ସରକାରଙ୍କ ସମ୍ମୁଖକୁ ଆଣିବା ପାଇଁ ସାମ୍ବାଦିକଙ୍କୁ ପରାମର୍ଶ ଦେଇଛନ୍ତି । ଏଥିରେ ସଂଘର ବହୁ କର୍ମକର୍ତ୍ତା ଯୋଗ ଦେଇଥିଲେ ।

# ସଚେତନତା କାର୍ଯ୍ୟକ୍ରମ

ବରଗଡ ଜିଲ୍ଲାସ୍ତରୀୟ ଉଦ୍ୟମୀ ଓଡ଼ିଶା ଏମ୍‌ଏସ୍‌ଏମ୍‌ଇ କାର୍ଯ୍ୟକ୍ରମ ୨୦୨୬ର ଗତକାଲି ଦ୍ୱିତୀୟ ଦିବସରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉଦ୍ୟୋଗ ପ୍ରତିଷ୍ଠା ପାଇଁ ରହିଥିବା ସରକାରୀ ସୁବିଧା ସୁଯୋଗ ଏବଂ ଋଣ ବ୍ୟବସ୍ଥା ଉପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଲୋଚନା ହୋଇଛି ।

# ପରିସଂଖ୍ୟାନ ଦିବସ

ଜାତୀୟ ପରିସଂଖ୍ୟାନ ଦିବସ ଆଜି ପାଳନ କରାଯାଉଛି । ଜାତୀୟ ବିକାଶ ସମ୍ପର୍କିତ ସାମାଜିକ, ଅର୍ଥନୈତିକ ଯୋଜନା ଏବଂ ନୀତି ପ୍ରଣୟନରେ ପରିସଂଖ୍ୟାନର ଗୁରୁତ୍ୱ ନେଇ ସଚେତନତା ସୃଷ୍ଟି କରିବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ । ୨୦୦୭ ମସିହାରୁ ପ୍ରତିବର୍ଷ ଜୁନ୍ ମାସ ୨୯ ତାରିଖରେ ଏହି ଦିବସ ପାଳିତ ହୋଇଆସୁଛି । ଚଳିତବର୍ଷର ବିଷୟବସ୍ତୁ ରହିଛି ପ୍ରଶାସନିକ ତଥ୍ୟର ସାମର୍ଥ୍ୟକୁ ଉନ୍ମୁକ୍ତ କରିବା । ଭାରତୀୟ ପରିସଂଖ୍ୟାନର ଜନକ କୁହାଯାଉଥିବା ପ୍ରଫେସର ପ୍ରଶାନ୍ତ ଚନ୍ଦ୍ର

ମହଲାନୋବିଶଙ୍କ ପରିସଂଖ୍ୟାନ ପ୍ରତି ଅବଦାନକ ସମ୍ମାନ ଜଣାଇ ପ୍ରତିବର୍ଷ ତାଙ୍କ ଜୟନ୍ତୀରେ ଏହି ଦିବସ ପାଳନ କରାଯାଉଛି ।

## ପାଣିପାଗ

ରାଜ୍ୟରେ ଦକ୍ଷିଣ ପଶ୍ଚିମ ମୌସୁମୀବାୟୁ ସକ୍ରିୟ ରହିଛି । ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ କାଳବୈଶାଖୀର ପ୍ରଭାବ ବିଭିନ୍ନ ସ୍ଥାନରେ ବର୍ଷା ହୋଇଯାଇଛି । ଆସନ୍ତା ୨୪ଘଣ୍ଟା ମଧ୍ୟରେ ବିଜୁଳି ଓ ଘଡଘଡି ସହ ବର୍ଷା ହେବା ନେଇ ପ୍ରାୟ ସମସ୍ତ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ଅପରପକ୍ଷରେ ରାଜ୍ୟରେ ବର୍ଷାର ପ୍ରଭାବରେ ସର୍ବୋଚ୍ଚ ତାପମାତ୍ରା ହ୍ରାସ ପାଇଛି । ଗତକାଲି ସମ୍ବଲପୁରଠାରେ ସର୍ବୋଚ୍ଚ ଦିନ ତାପମାତ୍ରା ୩୯ ଦଶମିକ ୪ ଡିଗ୍ରୀ ସେଲସିୟସ ରହିଥିଲା ।